# Akashvani, Sambalpur

## SAMBALPURI NEWS BULLETIN

### 27 June 2024- 6.47- 6.52 am.

**********************************************

ରାଷ୍ଟ୍ରପତି ଓଡ଼ିଶା ଗସ୍ତ          ଆର୍‌ଏନ୍‌ୟୁ / କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୬ ତାରିଖ୍‌ନୁ ୯ ତାରିଖ୍‌ତକ୍ ଓଡ଼ିଶା ଗସ୍ତଥି ଆସ୍‌ବେ ବଲି ଗୃହବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ରାଷ୍ଟ୍ରପତି ୬ ତାରିଖ୍ ଦିନ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ନ ହେବାର୍‌କେ ଥିବାର୍ ଉତ୍କଳମଣି ପଣ୍ଡିତ୍ ଗୋପବନ୍ଧୁ ଦାସ୍‌ଙ୍କର୍ ୯୬ ନମ୍ବର୍ ଶ୍ରାଦ୍ଧବାର୍ଷିକୀଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ସମାରୋହଥି ରାଜ୍ୟପାଲ୍ ରଘୁବର୍ ଦାସ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେବେ ବଲି ଜନାପଡ଼ିଛେ । ଇ ଉଲ୍‌ଗୁନେ ଗୁଟେ ସ୍ମରଣିକା ଉନ୍ମୋଚନ୍ ହେବାର୍ ସହେତେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯିବା ବଲି କାର୍ଯ୍ୟସୂଚୀ ରହିଛେ ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ          ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ହେବାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପହେଲା ଦିଲ୍ଲୀ ଗସ୍ତଥି ଯାଇଛନ୍ । ମୁଖ୍ୟମନ୍ତ୍ରୀ ତାଙ୍କର୍ ଇ ୩ ଦିନିଆ ଦିଲ୍ଲୀ ରହଣୀ ସମିଆଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ଼୍‌ଙ୍କୁ ସୌଜନ୍ୟମୂଳକ୍ ସାକ୍ଷାତ୍ କର୍‌ବେ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ କେନ୍ଦ୍ର ସର୍‌କାର୍‌ଙ୍କର୍ କେନ୍ଦ୍ରମନ୍ତ୍ରୀମାନ୍‌କୁ ଭେଟିକରି ମୁଖ୍ୟମନ୍ତ୍ରୀ ଓଡ଼ିଶାର୍ ଭିନ୍ ଭିନ୍ ବିଷେଥି ଆଲୋଚନା କର୍‌ବେ ବଲି ଜନାପଡ଼ିଛେ ।

ବଜ୍ରପାତ- ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଆର୍‌ଏନ୍‌ୟୁ /ସମ୍ବଲପୁର

ବର୍‌ଗଡ଼୍ ଜିଲ୍ଲା ପଦମ୍‌ପୁର୍‌ର ଦୁଆନ୍‌ଡିହି ନ ବଜ୍ରପାତ୍‌ନୁ ୩ ଝନ୍ ଆର୍ ବଲାଙ୍ଗିର୍ ଜିଲ୍ଲାର ଖପ୍ରାଖୋଲ୍ ଇଲାକା ନ ୨ ଝନ୍‌କର୍ ମୃତ୍ୟୁଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଭୀର ଦୁଖ ପ୍ରକାଶ୍ କରିଛନ୍ । ସେ ଶୋକସନ୍ତପ୍ତ ପରିବାର୍ ବର୍ଗଙ୍କୁ ସମବେଦନା ଜନାବାର୍ ସହେତେ ଜୀବନ୍ ହରେଇଥିବାର୍ ଲୁକ୍‌କର୍ ପରିବାର୍ ଲାଗି ୪ ଲାଖ୍ ଟଙ୍କା ଲେଖା ଅନୁକମ୍ପାମୂଳକ୍ ସହାୟତା ଘୋଷ୍ନା

କରିଛନ୍ । ହେନ୍ତା ବଜ୍ରପାତ୍‌ଥି ଗୁରୁତର୍ ଆହତ୍ ହେଇଥିବା ଲୁକ୍‌କର୍ ଚିକିତ୍ସା ମାହାଲିଆ ଉପଯୁକ୍ତ ଭାବେ ବ୍ୟବସ୍ଥା କର୍‌ବାର୍‌କେ ଭିଲ୍ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନ୍‌କେ ନିର୍ଦ୍ଦେଶ୍ ଦେଇଥିବାର୍ ଜନାପଡ଼ିଛେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୮ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍

ପିଏମ୍ଓ ଅଫିସ୍ର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଶୁନାୟାଇପାର୍ବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାୟିବା ।

ରେଲ୍ ଫ୍ଲାଏଓଭର୍ - ଟିଟିଲାଗଡ଼୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ରେଲ୍ଡିଭିଜନ୍ର ଟିଟିଲାଗଡ଼୍ ଜଙ୍ସନ୍ ରେଲ୍ଷ୍ଟେସନ୍ ନ ବଢୁଥିବାର୍ ରେଲ୍ ସଂଖ୍ୟା ଆଉ ୟାତାୟତ୍କେ ନଜର୍ଥି ରଖିକରି ରେଲ୍ମନ୍ତ୍ରଣାଲୟ ତର୍ଫୁ ରେଲ୍ ଫ୍ଲାଏଓଭର୍ ବନାବାର୍ ପ୍ରସ୍ତାବ୍କେ ମଞ୍ଜୁର୍ କରାୟାଇଛେ । ୮ କିଲୋମିଟର୍ ୧୧ ମିଟର୍ ଲମ୍ବା ଇ ପ୍ରକଳ୍ପ ଲାଗି ଶହେ ୮୩ କୋଟି ୮୯ ଲାଖ୍ ଟଙ୍କା ମଞ୍ଜୁର୍ କରାୟାଇଛେ । ଫି ଦିନ ଟିଟିଲାଗଡ଼୍ ଦେଇକରି ପାଖାପାଖି ୩୮ ଟା ରେଲ୍ ୟା'ଆସ୍ କରୁଥିବାର୍ ଜନାପଡ଼ିଛେ । ରେଲ୍ ୟାତାୟତ୍କେ ଆହୁରି ସୁଗମ କର୍ବାର୍ ଲାଗି ଇ ଫ୍ଲାଏଓଭର୍ ସାହାଜ୍ କର୍ବା । ଖାସ୍ କରି ଟିଟିଲାଗଡ଼୍-ସମ୍ବଲ୍ପୁର୍, ସମ୍ବଲ୍ପୁର୍-ରାୟପୁର୍ ଆର୍ ରାୟପୁର୍ - ବିଜୟନଗରମ୍ ସେକ୍ସନ୍ ନ ରେଲ୍ ଚଲାଚଲ୍ଥି ଆହୁରି ସୁବିଧା ହେବା ବଲି ଡିଭିଜନ୍ ତର୍ଫୁ କୁହାୟାଇଛେ ।

ମେଟ୍ରିକ୍ ପରୀକ୍ଷା ସାର୍ଟିଫିକେଟ୍ ଆର୍ଏନ୍ୟୁ /ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ ତର୍ଫୁ ମେଟ୍ରିକ୍ ପରୀକ୍ଷା ଫଲ୍ ବାହାର୍ବାର୍ ଦିନ ପରୀକ୍ଷାର୍ଥୀମାନ୍କୁ ଡିଜିଟାଲ୍ ମେଟ୍ରିକ ସାର୍ଟିଫିକେଟ୍ ଦେବାର୍ ନୂଆଁ ପରମ୍ପରା ସୃଷ୍ଟି କରାଯାଇଥିଲା । ଆଏବା ମାସର୍ ୯ ତାରିଖ୍ ଦିନ ଗୁଟେ ଦିନେ ଛାତ୍ରଛାତ୍ରୀମାନ୍କୁ ମେଟ୍ରିକ୍, ମଧ୍ୟମା, ମୁକ୍ତବିଦ୍ୟାଳୟ ପରୀକ୍ଷା, ମୂଳ ପାସ୍ ସାର୍ଟିଫିକେଟ୍ ଦେବାର୍ ଲାଗି ବୋର୍ଡ଼ କର୍ତୃପକ୍ଷ ନିଷ୍ପତି ନେଇଛନ୍ । ସ୍କୁଲ୍ ମାନ୍କର୍ ପ୍ରଧାନ୍ ଶିକ୍ଷକ୍ କି ମୁଖ୍ୟମାନେ ସବୁ ଛାତ୍ରଛାତ୍ରୀମାନ୍କୁ ସାର୍ଟିଫିକେଟ୍ ବାଂଟ୍ବେ ବଲି ବୋର୍ଡ଼ କର୍ତୃପକ୍ଷ କହିଛନ୍ ।

ହାଇସ୍କୁଲ୍- ୧୧ କ୍ଲାସ୍ ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟର୍ ୭୯ ଟା ହାଇସ୍କୁଲ୍ ନ ଉଚ୍ଚମାଧ୍ୟମିକ - ଯୁକ୍ତ ଦୁଇ ଶ୍ରେଣୀ ଖୁଲିଛେ । ଚଲ୍ତି ଶିକ୍ଷା ବଛର୍ନୁ ଇ ବିଦ୍ୟାଳୟମାନ୍କେ କଳା ବିଷେଥି ଛାତ୍ରଛାତ୍ରୀମାନ୍କୁ ଶିକ୍ଷା ପ୍ରଦାନ୍ ମୁଲ୍ ହେବା । ରାଜ୍ୟ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍ଫୁ ଇ ବାବ୍ଦର୍

ପ୍ରସ୍ତାବ୍‌କେ କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ପ୍ରକଳ୍ପ ଅନୁମୋଦନ୍ ବୋର୍ଡ୍ ମଞ୍ଜୁର୍ କରିଛେ । କଲାହାଣ୍ଡି ଜିଲ୍ଲା ନ ସବୁଠାନୁ ଜହ ୧୭ ଟା ହାଇସ୍କୁଲ୍‌କେ ଉଚ୍ଚମାଧ୍ୟମିକ୍ ବିଦ୍ୟାଳୟଥି ପରିଣତ୍ କରାଯାଇଛେ । ହେନ୍ତା ସୁନ୍ଦରଗଡ୍‌ର ୧୦, ବଲାଙ୍ଗିର୍‌ର ୮, ଝାର୍‌ସୁଗୁଡ଼ାର୍ ୪, ସମ୍ବଲ୍‌ପୁର୍‌ର ୩, ବଉଦ୍‌ର ୨ ଆର୍ ନୂଆପଡ଼ା ଜିଲ୍ଲାର୍ ଗୁଟେ ହାଇସ୍କୁଲ୍‌ଥି ୧୧ କ୍ଲାସ୍ ଖୁଲାଯାଇଥିବାର୍ ଜନାପଡ଼ିଛେ ।

କଲାହାଣ୍ଡି- ଆମ୍ବ ରପ୍ତାନୀ ଆର୍‌ଏନ୍‌ୟୁ / ସମ୍ବଲପୁର

କଲାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଇଲାକାନୁ ପହେଲାଥର୍ ଲାଗି ବିଦେଶ୍‌କେ ଆମ୍ରପଲ୍ଲୀ ଆମ୍ ପଠାଯାଇଥିବାର୍ ଜନାପଡ଼ିଛେ । ପହେଲା ଖେପେ ଅଢ଼େଇ ଟନ୍ ଆମ୍ ଦୁବାଇକେ ପଠାଯାଉଛେ ବଲି ଜିଲ୍ଲା ଉଦ୍ୟାନ୍ ବିଭାଗ୍ ତର୍‌ଫୁ ଜନାପଡ଼ିଛେ । ଆଗ୍‌ରୁ ନୂଆଦିଲ୍ଲୀ ମଦର୍ ଡାଇରୀ କମ୍ପାନୀକେ ଜିଲ୍ଲାନୁ ଆମ୍ ପଠାଯାଇଥିଲା ।

ପେରିସ୍ ଅଲମ୍ପିକ୍ସ- ହକି ଟିମ୍ ଆର୍‌ଏନ୍‌ୟୁ / କଟକ୍

ପେରିସ୍ ଠାନେ ହେବାର୍‌କେ ଥିବାର୍ ଅଲମ୍ପିକ୍ କ୍ରୀଡ଼ାର୍ ଲାଗି ହକି ଇଣ୍ଡିଆ ତର୍‌ଫୁ ୧୬ ଝନିଆ ପୁରୁଷ ହକି ଦଲ୍ ଘୋଷ୍‌ନା କରାଯାଇଛେ । ଇଥି ଓଡ଼ିଶାର୍ ହକି ଖେଲାଲି ଅମିତ୍ ରୋହିଦାସ ଠାନ୍ ପାଇଛନ୍ । ଇ ଦଲର୍ ଅଧିନାୟକ୍ ଭାବେ ହର୍‌ମନ୍ ପ୍ରୀତ୍ ସିଂ ଆର୍ ଉପ ଅଧିନାୟକ୍ ଭାବେ ହାର୍ଦ୍ଦିକ୍ ସିଂଙ୍କୁ ବଛାଯାଇଛେ । ଆଏବା ମାସର୍ ୨୬ ତାରିଖ୍‌ନୁ ଅଗଷ୍ଟ ୧୧ ତାରିଖ୍ ଭିତ୍‌ରେ ପେରିସ୍ ନ ଇ ପ୍ରତିଯୋଗିତା ହେବା ।

ପାଣିପାଗ ଆର୍‌ଏନ୍‌ୟୁ / କଟକ୍

ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଘୂର୍ଣ୍ଣିବଲୟର୍ ବଲେ ଆଏବା ୩ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଗଲାରାତି ସମ୍ବଲ୍‌ପୁର୍ ସହେତେ ଭିନ୍ ଭିନ୍ ଜିଲ୍ଲା ନ ଧୁକାଧନ୍ଦି ଆର୍ ବିଜ୍‌ଲି ମାରିକରି ବର୍ଷା ହେଇଥିଲା । ଆଏଜ୍ ନୂଆପଡ଼ା, କଲାହାଣ୍ଡି, ବର୍‌ଗଡ଼୍, ବଲାଙ୍ଗିର୍, ସୁନ୍ଦର୍‌ଗଡ଼୍ ଆର୍ ଦକ୍ଷିଣ୍ ଓଡ଼ିଶାର୍ ଜିଲ୍ଲାମାନ୍‌କେ ପ୍ରବଲ୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍‌ର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।